# NATIONAL NEWS BULLETIN (ODIA)

**12 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଭାବେ ଶପଥଗ୍ରହଣ କଲେ ସି.ପି. ରାଧାକୃଷ୍ଣନ ।

- ପରବର୍ତ୍ତୀ ପୀଢ଼ି ଜିଏସ୍‌ଟି ସଂସ୍କାରରେ ବୀମା, ଖାଦ୍ୟପଦାର୍ଥ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଟିକସ ଉଚ୍ଛେଦକୁ ନେଇ ଜନସାଧାରଣ ଉତ୍ସାହିତ ।

- ଛତିଶଗଡରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ୨ ମାଓବାଦୀ ମୃତ ।

ଏବଂ

- ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ପାକିସ୍ତାନ ଓ ଓମାନ ।

# ଭିପି-ଓଥ୍

ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଭାବେ ସି.ପି. ରାଧାକୃଷ୍ଣନ ଆଜି ରାଷ୍ଟ୍ରପତି ଭବନରେ ଶପଥଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ।

**V/O (Oath of Vice President)**

ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ଜେ.ପି.ନଡ୍ଡା, ପୀୟୁଷ ଗୋଏଲ ଏବଂ ନୀତିନ ଗଡକରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଶ୍ରୀ ରାଧାକୃଷ୍ଣନ ଗତ ୯ ତାରିଖରେ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଭାବେ ୪୫୨ ଖଣ୍ଡ ଭୋଟ୍ ପାଇଥିଲେ । ସେ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ ।

# ପିଏମ୍-ଶାହା-ରାଧାକୃଷ୍ଣନ

ନୂଆ ଉପରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସି.ପି. ରାଧାକୃଷ୍ଣନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ନୂଆ ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳ ସଫଳ ଭାବେ ପୂରଣ କରିବା ସହ ଲୋକମାନଙ୍କ ପ୍ରତି ସେବା ମନୋଭାବ ରଖିବେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକୃଷ୍ଣନଙ୍କୁ ଜଣେ ଉତ୍ସର୍ଗୀକୃତ

ଲୋକସେବକ ଭାବେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି ଦେଶ ଗଠନ, ସାମାଜିକ ସେବା ଏବଂ ଗଣତନ୍ତ୍ରର ମୂଲ୍ୟବୋଧକୁ ସୁଦୃଢ଼ କରିବା ଦିଗରେ ସେ ବ୍ରତୀ ରହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉପରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଶ୍ରୀ ରାଧାକୃଷ୍ଣନଙ୍କ ଭୂମିକା ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ ।

# ଜିଏସ୍‌ଟି ରିଫର୍ମସ-ନିଲ୍ ଟାକ୍ସ

ଜିଏସ୍‌ଟି ପରିଷଦ ଦ୍ୱାରା ଗତ ସେପ୍ଟେମ୍ବର ୩ ତାରିଖରେ ଗ୍ରହଣ କରାଯାଇଥିବା ନୂଆ ଟିକସ ହାର ଆସନ୍ତା ୨୨ ତାରିଖରୁ ଲାଗୁ ହେବ । ଗତମାସରେ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରୁ ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ବିଷୟରେ ଘୋଷଣା କରି କହିଥିଲେ ଦୀପାବଳୀ ସୁଦ୍ଧା ଦେଶବାସୀଙ୍କୁ ସରକାର ବଡ ଉପହାର ଦେବେ । ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଜିଏସ୍‌ଟି ପରିଷଦ ଦେଶର ନାଗରିକମାନଙ୍କ ଜୀବନଧାରଣକୁ ସହଜ କରିବା ଲାଗି ଟିକସ ହାରରେ ବ୍ୟାପକ ହ୍ରାସ କରିଛନ୍ତି । ପୂର୍ବରୁ ଥିବା ୪ଟି ଟିକସ ସ୍ଲାବକୁ ପରିବର୍ତ୍ତନ କରି ମାତ୍ର ୨ଟି ଟିକସ ସ୍ଲାବରେ ସୀମିତ ରଖାଯାଇଛି । ତେବେ ପରିଷଦ ଅନେକଗୁଡ଼ିଏ ସେବା ଓ ସାମଗ୍ରୀ ଉପରୁ ଜିଏସ୍‌ଟି ହାର ସମ୍ପୂର୍ଣ୍ଣ ଉଚ୍ଛେଦ କରିଛନ୍ତି ।

ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାରରେ କେନ୍ଦ୍ର ସରକାର ସାଧାରଣ ମଣିଷର ବୋଝ ହ୍ରାସ କରିବା ଲାଗି ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକୁ ଜିଏସ୍‌ଟି ବାହାରକୁ ନେଇଛନ୍ତି । ନୂଆ ବ୍ୟବସ୍ଥା ଅନୁଯାୟୀ ଅତ୍ୟଧିକ ଉଚ୍ଚତାପରେ ପ୍ରସ୍ତୁତ କ୍ଷୀର, ପ୍ୟାକିଂ ହୋଇଥିବା ଖାଦ୍ୟସାମଗ୍ରୀ ଏବଂ ଚାଉଳ, ଗହମ ଓ ଡାଲିରେ ତିଆରି ଖାଦ୍ୟ ପଦାର୍ଥକୁ ମଧ୍ୟ ଜିଏସ୍‌ଟି ମୁକ୍ତ କରାଯାଇଛି । ପ୍ରତ୍ୟେକ ପ୍ରକାରର ରୁଟିକୁ ଜିଏସ୍‌ଟି ମୁକ୍ତ କରାଯାଇ ଜନସାଧାରଣ ଯେଭଳି ସହଜରେ ଏହା ପାଇପାରିବେ ତାହା ସମ୍ଭବ ହେବାକୁ ଯାଉଛି । ସେହିପରି ଦେଶର ଜନସାଧାରଣଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେଇ ଜିଏସ୍‌ଟି ପରିଷଦ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ଉପରେ ଟିକସ ହାର ଛାଡ କରିଛନ୍ତି । ଏହି ନିଷ୍ପତ୍ତି ଫଳରେ ଲୋକମାନେ ସ୍ୱାସ୍ଥ୍ୟବୀମାରୁ ଅନେକଗୁଡିଏ ଲାଭ ପାଇପାରିବେ । ସାରା ଦେଶରେ ଲୋକମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛନ୍ତି । ଏ ସମ୍ପର୍କରେ ନିମିଷ ଜୈନ୍ ନାମକ ବ୍ୟକ୍ତି ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିବା ସହ କହିଛନ୍ତି...

**V/O (Nimis Jain)**

## ଏମ୍‌ସ ଦା ଭିନ୍‌ସି ରୋବଟ

ନୂଆଦିଲ୍ଲୀରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସ ପକ୍ଷରୁ ବିକଶିତ ଦା ଭିନ୍‌ସି ସର୍ଜିକାଲ ରୋବଟ ଉଦ୍‌ଘାଟିତ ହୋଇଛି । ଭାରତରେ ରୋବଟ ସହାୟତାରେ ବିଭିନ୍ନ ଅପରେସନ କାର୍ଯ୍ୟ କରିବା ଲାଗି ଏହି ରୋବଟ ସହାୟତା ହେବ । ବିଶେଷକରି ଅପରେସନ ସମେତ ଇ-ଲର୍ଣ୍ଣିଂ ଏବଂ ଟେଲିମେଡିସିନ କ୍ଷେତ୍ରରେ ଏହା ସୁଫଳ ପ୍ରଦାନ କରିବ ବୋଲି

କୁହାଯାଇଛି । ଦେଶରେ ପ୍ରଥମକରି ଏକ ସରକାରୀ ହସ୍ପିଟାଲରେ ଏଭଳି ବ୍ୟବସ୍ଥା ଆରମ୍ଭ କରାଯାଇଛି । ପୂର୍ବରୁ ଏମ୍ସରେ ପଢୁଥିବା ଛାତ୍ରଛାତ୍ରୀ, ଡାକ୍ତର, ନର୍ସଙ୍କ ପାଇଁ ହ୍ୟୁଗୋ ରୋବଟ ସ୍ଥାପନ ହୋଇଥିବା ବେଳେ ଦା ଭିନ୍‌ସି ସର୍ଜିକାଲ ରୋବଟ ଆଜି ସ୍ଥାପନ କରାଯାଇଛି ।

ଏହି ଅବସରରେ ନୂଆଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡକ୍ଟର ଏମ୍. ଶ୍ରୀନିବାସ କହିଛନ୍ତି ଅପରେସନ କ୍ଷେତ୍ରର ସୃଜନଶୀଳତା କ୍ଷେତ୍ରରେ ଏମ୍ସର ଭୂମିକା ଭାରତରେ ରୋବଟିକ ସହାୟତାରେ ଅପରେସନ କାର୍ଯ୍ୟକୁ ଆହୁରି ବୃଦ୍ଧି କରିବ । ସୂଚନା ଅନୁଯାୟୀ ନୂଆ ରୋବଟ, ୟୁରୋଲୋଜି, ଗାଇନାକୋଲୋଜି, ଜେନେରାଲ ସର୍ଜରୀ, ସର୍ଜିକାଲ ଅଙ୍କୋଲୋଜି ଏବଂ ବେକ ଓ ମୁଣ୍ଡ ଅପରେସନ କ୍ଷେତ୍ରରେ ସହାୟକ ହେବ ।

## ଛତିଶଗଡ ଏନ୍‌କାଉଣ୍ଟର

ଛତିଶଗଡରେ ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ବିଜାପୁର ଜିଲ୍ଲା ବସ୍ତର ଡିଭିଜନ ଅନ୍ତର୍ଗତ ଦକ୍ଷିଣ ପଶ୍ଚିମାଞ୍ଚଳରେ ମାଓବାଦୀ ରହିଥିବା ଖବର ମିଳିବା ପରେ ସୁରକ୍ଷାବଳ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ବଡି ଭୋର୍‌ରୁ ଉଭୟ ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା । ସୁରକ୍ଷାବଳ ୨ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିବା ସହ

ତଲାସୀ ଅଭିଯାନ ଜାରି ରଖିଛନ୍ତି । ସଂପୃକ୍ତ ମାଓବାଦୀଙ୍କଠାରୁ ବିଭିନ୍ନ ଗୁଳିଗୋଳା ଓ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି ।

# କର୍ଣ୍ଣାଟକ-ଓମ୍ ବିର୍ଲା

ସଂସଦକୁ ଜାତୀୟ ଗୁରୁତ୍ୱ ତଥା ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗର ଏକ ଯୁକ୍ତିଯୁକ୍ତ ତର୍କ, ଆଲୋଚନା ଏବଂ କଥାବାର୍ତ୍ତାର ମଞ୍ଚ ରୂପେ ରୂପାନ୍ତର କରିବା ଲାଗି ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମସ୍ତ ରାଜନୈତିକ ଦଳ ଏବଂ ଜନପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି । ଗତକାଲି ବେଙ୍ଗାଲୁରୁ ଠାରେ ଏକାଦଶ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।  ଦଳଗତ ମତଭେଦରୁ ଊର୍ଦ୍ଧ୍ୱକୁ ଯାଇ ଜନପ୍ରତିନିଧି ଭାବେ ଜନକଲ୍ୟାଣକାରୀ ପ୍ରସଙ୍ଗ ଉପରେ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିବା ଲାଗି ସେ ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ବ୍ୟବସ୍ଥାପକ କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ତଥା ଉତ୍ତରଦାୟୀ କରିବା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ବିର୍ଲା ସଂସଦର ଗରିମା ବଜାୟ ରଖିବା ଉପରେ ସାଂସଦମାନେ ଯତ୍ନବାନ ହେବାକୁ କହିଛନ୍ତି ।

**V/O-Om Birla**

# ନେପାଳ

ନେପାଳରେ ମଧ୍ୟବର୍ତ୍ତୀକାଳୀନ ସରକାରରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ଲାଗି ଗତକାଲିଠାରୁ ଜେନ୍ ଜି ପ୍ରତିନିଧି, ନେପାଳ ସେନାମୁଖ୍ୟ

ଆଶିକରାଜ ସିଗଦେଲ ଏବଂ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡ଼େଲଙ୍କ ମଧ୍ୟରେ ଆଲୋଚନା ଚାଲିଛି । ଦୁଇଦିନ ଧରି ଆଲୋଚନା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ପାରିନାହିଁ । ଗତକାଲି ରାଷ୍ଟ୍ରପତି ଓ ନେପାଳୀ ସେନାମୁଖ୍ୟ ଅଶୋକ ସିଗଦେଲଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ସୁଶୀଲାକାର୍କୀ ଏବଂ ସାମ୍ବିଧାନିକ ବିଶେଷଜ୍ଞଙ୍କ ସହ ଉଭୟ ଦିନ ଓ ରାତି ସମୟରେ ଆଲୋଚନା ହୋଇଥିଲା । ଗତ ରାତିରେ ବାଚସ୍ପତି ଦେବରାଜ ଘିମ୍‌ରେ ପରିସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ କହିଥିଲେ । ଏଭଳି ମୁହୂର୍ତ୍ତରେ ସଂସଦ ଭଙ୍ଗ କରାଯିବ କି ନାହିଁ, ତାହା ଉପରେ ନିଷ୍ପତ୍ତି ହୋଇପାରିନାହିଁ । ଆଜି ପୁଣି ସକାଳ ୯ଟାରୁ ଆଲୋଚନା ଆରମ୍ଭ ହୋଇଛି ।

କାଠମାଣ୍ଡୁ, ଲଳିତପୁର ଏବଂ ଭକ୍ତପୁର ଜିଲ୍ଲାରେ ଆଜି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରହିତାଦେଶ ଜାରି କରାଯାଇଥିଲା । ସେଠାରେ ଆଜି ସଂଧ୍ୟା ୭ଟାରୁ ଆସନ୍ତାକାଲି ସଂଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁଜାରି କରାଯାଇଛି । କେବଳ ସରକାରୀ ସଂସ୍ଥାଦ୍ୱାରା ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇଦେବା କାର୍ଯ୍ୟ କରାଯାଉଛି । ଲୋକମାନଙ୍କୁ ଦୈନନ୍ଦିନ ଆବଶ୍ୟକତା ପୂରଣ ଲାଗି ସକାଳ ୬ରୁ ୧୧ଟା ଏବଂ ସଂଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କେତେକ ଦୋକାନ ଖୋଲା ରଖାଯିବାକୁ ନିଷ୍ପତ୍ତି ହୋଇଛି ।

## ଟେକ୍ସାସ ଇଣ୍ଡିଆନ୍ କିଲ୍‌ଡ

ଆମେରିକାର ଟେକ୍ସାସସ୍ଥିତ ଦଲାସରେ ନିଜ କାର୍ଯ୍ୟସ୍ଥଳୀରେ ଜଣେ ଭାରତୀୟ ନାଗରିକ ଚନ୍ଦ୍ରା ନାଗମଲାଇଙ୍କୁ ହତ୍ୟା କରାଯାଇଛି ।

ହୋଷ୍ଟନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି । ଭାରତୀୟ ଦୂତାବାସ ଅଧିକାରୀ କହିଛନ୍ତି ଅଭିଯୁକ୍ତକୁ ସେଠାକାର ପୋଲିସ ଗିରଫ କରିଛି ଏବଂ ଦୂତାବାସ ପକ୍ଷରୁ ଏହି ଘଟଣା ଉପରେ ନଜର ରଖାଯାଇଛି ।

ସେଠାକାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କର୍ଣ୍ଣାଟକର ଅଧିବାସୀ ୫୦ବର୍ଷୀୟ ନାଗମଲାଇଙ୍କର କର୍ମକ୍ଷେତ୍ରରେ ବିବାଦ ସୃଷ୍ଟି ହୋଇଥିଲା । ନାଗମଲାଇ ସଂପୃକ୍ତ ଅଭିଯୁକ୍ତକୁ ଅଚଳ ୱାଶିଂମେସିନ୍ ବ୍ୟବହାର ନକରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏ ସମ୍ପର୍କରେ ଅନ୍ୟଜଣଙ୍କୁ ତାଙ୍କ ବାର୍ତ୍ତା ଅନୁବାଦ କରି ଜଣାଇଦେବାକୁ କହିଥିଲେ । ପୋଲିସ ରିପୋର୍ଟ ଅନୁଯାୟୀ ଅଭିଯୁକ୍ତ ଜଣକ ଆଇନ୍ ବିରୁଦ୍ଧ ପ୍ରଦର୍ଶନ କରିଥିଲେ । ତା' ପାଖରୁ ଅସ୍ତ୍ର ଜବତ କରାଯିବା ସହ ପୋଲିସ ଗିରଫ କରିଥିଲା । ଏହି ଘଟଣାରେ ସିସିଟିଭି ଫୁଟେଜ ଆଧାରରେ ଗିରଫ କରାଯାଇଛି । ଦଲାସ ପୋଲିସ ଘଟଣାର ଅନୁସନ୍ଧାନ କରୁଛି । ମୃତକଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ହୋଷ୍ଟନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ।

## କ୍ରିକେଟ୍-ଏସିଆକପ୍

ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ପାକିସ୍ତାନ ଓ ଓମାନ ମଧ୍ୟରେ ଆଜି ଭାରତୀୟ ସମୟ ରାତି ୮ଟାରେ ଦୁବାଇଠାରେ ମୁକାବିଲା ହେବ ।

ଗତକାଲି ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ବାଂଲାଦେଶ' ହଂକଂକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଆବୁଧାବିଠାରେ ହୋଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ହଂକଂକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ପ୍ରଥମେ ବ୍ୟାଟିଂ କରି ହଂକଂ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୩ରନ୍ କରିଥିଲା । ଦଳ ପକ୍ଷରୁ ନିଜାକତ ଖାନ୍ ୪୦ଟି ବଲ୍‌ରୁ ୪୨ରନ୍ କରିଥିଲେ । ବାଂଲାଦେଶ ପକ୍ଷରୁ ତାସ୍କିନ୍ ଅହମ୍ମଦ, ତାଞ୍ଜିନ୍ ହାସନ୍ ସାକିବ୍, ରିଷାଦ ହୋସେନ୍ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ୧୪୪ରନ୍ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ୧୪ଟି ବଲ୍ ଓ ୭ଟି ୱିକେଟ୍ ହାତରେ ଥାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ଅଧିନାୟକ ଲିଟନ୍ ଦାସ ୩୯ଟି ବଲ୍‌ରୁ ସର୍ବାଧିକ ୫୯ରନ୍ କରିଥିଲେ । ହଂକଂ ପକ୍ଷରୁ ଆତିକ୍ ଇକ୍‌ବାଲ୍ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଲିଟନ୍ ଦାସ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।